# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 14th August - 2024

### News Editor : *Itishree Singh Rathaur*

**********************************

## ମୁଖ୍ୟ ସମ୍ବାଦ

- ଦେଶ ଆସନ୍ତାକାଲି ପାଳନ କରିବ ୭୮ତମ ସ୍ୱାଧୀନତା ଦିବସ

– ପୂର୍ବ ସନ୍ଧ୍ୟାରେ ଆଜି ୭ଟାରେ ଦେଶବାସୀଙ୍କୁ ସମ୍ବୋଧନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

- ଦିଲ୍ଲୀର ଐତିହାସିକ ଲାଲକିଲ୍ଲାରୁ ଆସନ୍ତାକାଲି ଜାତୀୟ ପତାକା ଉତ୍ତୋଳନ ସହ ଦେଶବାସୀଙ୍କୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

- 'ହର୍ ଘର୍ ତିରଙ୍ଗା ଅଭିଯାନ' ସମସ୍ତଙ୍କୁ ଦେଶପ୍ରେମର ସୂତ୍ରରେ ବାନ୍ଧି ରଖିବାରେ ସଫଳ ହୋଇଛି; କହିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ଏବଂ

- ଉଲ୍ଲେଖନୀୟ ସେବା ପାଇଁ ଓଡ଼ିଶାର ଦୁଇ ଜଣ ପୁଲିସ ଅଧିକାରୀ ପାଇବେ ରାଷ୍ଟ୍ରପତି ପୁଲିସ ପଦକ; ୧୧ ଜଣ ପୁଲିସ ପଦକ

*Desk*

## ରାଷ୍ଟ୍ରପତିଙ୍କ ଅଭିଭାଷଣ

ସମଗ୍ର ଦେଶରେ ଆସନ୍ତାକାଲି ୭୮ତମ ସ୍ୱାଧୀନତା ଦିବସ ପାଳନ କରାଯିବ। ଏହାର ଅବ୍ୟବହିତ ପୂର୍ବରୁ  ଆଜି ସନ୍ଧ୍ୟା ୭ଟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧନ କରିବେ । ଆକାଶବାଣୀ ଏବଂ ଦୂରଦର୍ଶନର ସମସ୍ତ ଚ୍ୟାନେଲ୍ ମାଧ୍ୟମରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ପ୍ରସାରଣ କରାଯିବ । ଦୂରଦର୍ଶନରେ ରାଷ୍ଟ୍ରପତିଙ୍କ ହିନ୍ଦୀ ଏବଂ ଇଂରାଜୀ ଅଭିଭାଷଣ ପରେ ପରେ ଏହାର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ। ରାତି ସାଢ଼େ ୯ଟାରେ ରାଷ୍ଟ୍ରପତିଙ୍କ ଅଭିଭାଷଣର ଆଞ୍ଚଳିକ ଭାଷାନ୍ତରଣ ଆକାଶବାଣୀରେ ପ୍ରସାରଣ ହେବ ।

*English Pool*

## ପିଏମ୍- ସ୍ୱାଧୀନତା ଦିବସ

୭୮ତମ ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଦିଲ୍ଲୀର ଐତିହାସିକ ଲାଲକିଲ୍ଲା ପ୍ରାଚୀରରୁ ଜାତୀୟ ପତାକା ଉତ୍ତୋଳନ ସହ ଦେଶବାସୀଙ୍କୁ ସମ୍ବୋଧନ କରିବେ। ଚଳିତ ବର୍ଷ ସ୍ୱାଧୀନତା ଦିବସର ବାର୍ତ୍ତା ରହିଛି – ବିକଶିତ ଭାରତ@2047। ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ସ୍ୱାଧୀନତା ଦିବସ ଏକ ମଞ୍ଚଭାବେ କାର୍ଯ୍ୟ କରିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏଥିରେ ଜନଭାଗିଦାରୀକୁ ପ୍ରୋତ୍ସାହିତ କରାଯିବାର ଲକ୍ଷ୍ୟ ରହିଛି। ଲାଲକିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା

ଉତ୍ସବରେ ଯୋଗଦେବା ଲାଗି ପ୍ରାୟ ୬ ହଜାର ସ୍ୱତନ୍ତ୍ର ଅତିଥିଙ୍କୁ ନିମନ୍ତ୍ରଣ କରାଯାଇଛି। ଏମାନଙ୍କ ମଧ୍ୟରେ ଯୁବ, ଜନଜାତି ସମ୍ପ୍ରଦାୟ, କୃଷକ, ମହିଳା ଏବଂ ସରକାରୀ ଯୋଜନା ସହାୟତାରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ବ୍ୟକ୍ତି ବିଶେଷ ଅଛନ୍ତି।

ନିକଟରେ ପ୍ୟାରିସ ଅଲିମ୍ପିକ୍ସରେ ଯୋଗଦେଇଥିବା ଭାରତୀୟ ଦଳକୁ ଏଥିରେ ଉପସ୍ଥିତ ରହିବା ଲାଗି ମଧ୍ୟ ନିମନ୍ତ୍ରଣ କରାଯାଇଛି। ଏଥିସହିତ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପାରମ୍ପରିକ ବେଶ ପୋଷାକ ପରିଧାନ  କରିଥିବା ଦୁଇ ହଜାର ଲୋକ ଏହି ଭବ୍ୟ ସମାରୋହ ଦେଖିପାରିବେ।

ମାଇଗଭ୍ ଓ ଆକାଶବାଣୀର ମିଳିତ ସହଯୋଗରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ବିଭିନ୍ନ ଅନଲାଇନ୍ ପ୍ରତିଯୋଗିତାର ୩ ହଜାର ବିଜେତା ମଧ୍ୟ ଏହି ଉତ୍ସବରେ ଅଂଶଗ୍ରହଣ କରିବେ। ଏହି ସ୍ୱାଧୀନତା ଦିବସ ସମାରୋହରେ  ବିଭିନ୍ନ ବିଦ୍ୟାଳୟରୁ ମୋଟ ୨ ହଜାର ବାଳକ ଓ ବାଳିକା କ୍ୟାଡେଟ୍ ଅଂଶଗ୍ରହଣ କରିବେ।

ସେହିଭଳି ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ୍ ଅଭିବାଦନ ଗ୍ରହଣ କରିବେ।

*I&PR/DHNKL/Boudh/Nayagarh/Khurda*

## ତ୍ରିରଙ୍ଗା ଶୋଭାଯାତ୍ରା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରଠାରୁ ମୁକ୍ତେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଆୟୋଜିତ ହର୍ ଘର୍ ତିରଙ୍ଗା ପଦଯାତ୍ରାରେ ଯୋଗଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ହର୍ ଘର୍ ତିରଙ୍ଗା ଅଭିଯାନ ସମସ୍ତଙ୍କୁ ଦେଶପ୍ରେମର ସୂତ୍ରରେ ବାନ୍ଧି ରଖିବାରେ ସଫଳ ହେଉଛି। ଜାତୀୟ ପତାକା ଦେଶ ତଥା ଦେଶବାସୀଙ୍କ ପାଇଁ ବହୁ ସମ୍ମାନ ଓ ଗୌରବ ବହନ କରିଥାଏ। ତ୍ରିରଙ୍ଗାର ତିନି ରଙ୍ଗ ଶ୍ରଦ୍ଧା, ସୌହାର୍ଦ୍ଦ୍ୟ ଓ ଆଦର୍ଶରେ ଅନୁପ୍ରାଣିତ କରିଥାଏ। ଆମ ଜାତୀୟ ପତାକା ସଂକଳ୍ପ, ସଂଘର୍ଷ, ବଳିଦାନ ଓ ତ୍ୟାଗର ପ୍ରେରଣାଦାୟୀ ମୁଖସାକ୍ଷୀ। ଏହା ମଧ୍ୟ ରାଷ୍ଟ୍ରୀୟ ଏକତା, ସହିଷ୍ଣୁତା ଓ ବନ୍ଧୁତ୍ୱର ପ୍ରତୀକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସମେତ ଅନ୍ୟ ଅଧିକାରୀ ଯୋଗ ଦେଇଥିଲେ।

ରାଜ୍ୟର ବିଭିନ୍ନ ପ୍ରାନ୍ତରେ 'ହର ଘର ତିରଙ୍ଗା'ର ଅଭିଯାନ ଅନ୍ତର୍ଗତ କେତେକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଢେଙ୍କାନାଳ ଜିଲ୍ଲାରେ ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ନିକଟସ୍ଥ ହାଟରୁ କଲେଜ ବାଇପାସ୍ ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ହୋଇଥିଲା। ସେହିଭଳି ବୌଦ୍ଧ ଜିଲ୍ଲାର କଣ୍ଟାମାଳଠାରେ ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଆୟୋଜିତ

ହର୍ ଘର୍ ତିରଙ୍ଗା ଶୋଭାଯାତ୍ରାରେ କର୍ମୀମାନେ ଯୋଗଦେଇ ନଗର ପରିକ୍ରମା କରିଥିଲେ ।

ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ିଙ୍କ ସମେତ ଅନେକ ସାଂସଦ ଏବଂ ବିଧାୟକ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଅତିଥିମାନେ ଘରେ ଘରେ ତ୍ରିରଙ୍ଗା ପତାକା ଉଡ଼ାଇବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ ।

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ବିଭିନ୍ନ ରେଳଷ୍ଟେସନରେ ହର୍ ଘର୍ ତିରଙ୍ଗା ଅଭିଯାନ ଅଧୀନରେ ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ବିଭିନ୍ନ ଷ୍ଟେସନ୍‌ରେ ସେଲ୍‌ଫି କର୍ଣ୍ଣର ସ୍ଥାପନ ସହ ଯାତ୍ରୀମାନଙ୍କୁ ଘରେ ଘରେ ଜାତୀୟ ପତାକା ଉଡ଼ାଇବା ପାଇଁ ଉତ୍ସାହିତ କରାଯାଉଛି ।

***HS***

## ରାଜ୍ୟସଭା ନିର୍ବାଚନ

ଦେଶର ୯ଟି ରାଜ୍ୟର ୧୨ଟି ରାଜ୍ୟସଭା ଆସନରେ ଉପ ନିର୍ବାଚନ ଲାଗି ବିଧିବଦ୍ଧ ବିଜ୍ଞପ୍ତି ଆଜି ପ୍ରକାଶ ପାଇଛି । ସେଥିମଧ୍ୟରେ ଓଡ଼ିଶାର ଗୋଟିଏ ଆସନ ଅନ୍ତର୍ଭୁକ୍ତ । ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଆସନ୍ତା ୨୧ ତାରିଖକୁ ଧାର୍ଯ୍ୟ କରାଯାଇଛି । ୨୨ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବା ସହ ୨୭ ତାରିଖ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଯାଇପାରିବ । ଆସନ୍ତା ମାସ ୩ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ ।

*Desk*

## ସେବା ପଦକ ପ୍ରଦାନ

ସ୍ୱାଧୀନତା ଦିବସ ପାଳନ ଅବ୍ୟବହିତ ପୂର୍ବରୁ ଦେଶର ୧ ହଜାର ୩୭ ଜଣ ପୁଲିସ, ଅଗ୍ନିଶମ ବାହିନୀ, ହୋମଗାର୍ଡ ଓ ବେସାମରିକ ସୁରକ୍ଷା ସେବା କର୍ମଚାରୀ ବୀରତା ଓ ସେବା ପଦକ ପାଇଁ ମନୋନୀତ ହୋଇଛନ୍ତି। ଏଥିରେ ଓଡ଼ିଶାର ଦୁଇଜଣ ପୁଲିସ ଅଧିକାରୀ ସଚ୍ଚିଦାନନ୍ଦ ରଥ ଓ ସୁରେଶ ଦେବଦତ୍ତ ସିଂଙ୍କୁ ରାଷ୍ଟ୍ରପତି ପୁଲିସ ପଦକ ଏବଂ ୧୧ ଜଣ ପୁଲିସ ପଦକ ପାଇବାକୁ ମନୋନୀତ ହୋଇଛନ୍ତି। ବିଶେଷ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଷ୍ଟ୍ରପତି ପଦକ ଏବଂ କର୍ତ୍ତବ୍ୟନିଷ୍ଠା ଓ ଉଲ୍ଲେଖନୀୟ ସେବା ପାଇଁ ସେବା ପଦକ ପ୍ରଦାନ କରାଯାଇଥାଏ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ୨୧୩ ଜଣ ଯବାନଙ୍କୁ ବୀରତା ପଦକ ପାଇଁ ଚୟନ କରାଯାଇଛି। ସେହିଭଳି ୯୪ଟି ରାଷ୍ଟ୍ରପତି ପଦକ ମଧ୍ୟରୁ ୭୫ଟି ପୁଲିସ ସେବା, ୮ଟି ଅଗ୍ନିଶମ ସେବା, ୮ଟି ବେସାମରିକ, ପ୍ରତିରକ୍ଷା ଓ ହୋମଗାର୍ଡ ସେବା ଏବଂ ୩ଟି ସଂଶୋଧନ ସେବାକୁ ପ୍ରଦାନ କରାଯିବ। ସେହିଭଳି ୭୨୯ ଜଣ କର୍ମଚାରୀଙ୍କୁ ପ୍ରଶଂସନୀୟ କାର୍ଯ୍ୟ ପାଇଁ ସେବା ପଦକ ପ୍ରଦାନ ପାଇଁ ଚୟନ କରାଯାଇଛି।

*Desk*

## ନନ୍ଦନକନନ- ଚିତ୍ରା ହରିଣ

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଚିତ୍ରା ହରିଣଙ୍କ ସଂଖ୍ୟା ବୃଦ୍ଧି ପାଇଥିବାରୁ ସେଥିରୁ ୨୦୦ଟି ହରିଣକୁ ବାଲେଶ୍ୱର ଜିଲ୍ଲା କୁଲଡିହା ବନ୍ୟାପ୍ରାଣୀ ଅଭୟାରଣ୍ୟକୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ

ପର୍ଯ୍ୟାୟରେ ଗତକାଲି ୧୯ଟି ହରିଣ କୁଲଡିହା ବନ୍ୟାପାଣୀ ଅଭୟାରଣ୍ୟରୁ ଆସିଥିବା ଦଳକୁ ହସ୍ତାନ୍ତର କରାଯାଇଛି। ପର୍ଯ୍ୟାୟକ୍ରମେ ଆଉ ୧୮୧ଟି ହରିଣକୁ ପଠାଯିବ ବୋଲି ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପକ୍ଷରୁ ସୂଚନା ଦିଆଯାଇଛି।

***Desk***

## ମହାବଳବାଘ

ରାଜ୍ୟକୁ ଆସନ୍ତା ସେପ୍ଟେମ୍ବର ସୁଦ୍ଧା ୫ଟି ମହାବଳ ବାଘ ଆସିବେ ବୋଲି ବନ୍ୟପ୍ରାଣୀ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁଶାନ୍ତ ନନ୍ଦ କହିଛନ୍ତି। ସେ କହିଛନ୍ତି, ବରଗଡ଼ର ଦେବ୍ରୀଗଡ଼ରେ ତିନୋଟି ଓ ଶିମିଳିପାଳରେ ଦୁଇଟି ମହାବଳ ବାଘ ଛଡ଼ାଯିବ। ଏଥିପାଇଁ ବାଘ ଚିହ୍ନଟ କରାଯାଇ ଆଇନଗତ ପ୍ରକ୍ରିୟା ଶେଷ ହୋଇଛି ବୋଲି ଶ୍ରୀ ନନ୍ଦ କହିଛନ୍ତି। ସେହିଭଳି ଚଳିତ ମାସ ଶେଷ ସୁଦ୍ଧା ଆନିମଲ ଏକ୍ସଚେଞ୍ଜ ପ୍ରୋଗ୍ରାମରେ ଅଲିପୁର ଚିଡ଼ିଆଖାନାରୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଦୁଇଟି ଜିରାଫ ଅଣାଯିବ।

***Sonepur***

## ରେଳ ଇଞ୍ଜିନ୍‌ର ଟ୍ରାଏଲ ରନ୍

ସୋନପୁର ଓ ବୌଦ୍ଧ ମଧ୍ୟରେ ନିର୍ମିତ ନୂତନ ଲାଇନ୍‌ରେ ଆଜି ରେଳ ଇଞ୍ଜିନ୍‌ର ଟ୍ରାଏଲ୍ ରନ୍ କରାଯାଇଛି। କାର୍ଯ୍ୟକ୍ରମରେ ଦକ୍ଷିଣ-ପୂର୍ବାଞ୍ଚଳ ସର୍କଲ ରେଳ ବିଭାଗର ଅଧିକାରୀ ଓ ଯନ୍ତ୍ରୀମାନେ ଏହାକୁ ସ୍ୱାଗତ କରିଛନ୍ତି। ସୁବର୍ଣ୍ଣପୁର ଜିଲ୍ଲାର ତେଲ ନଦୀ ପୋଲ ଦେଇ ଜିଲ୍ଲାର

ମନମୁଣ୍ଡା ପୁରୁଣାପାଣି ଷ୍ଟେସନ୍‌କୁ ପ୍ରଥମ ପର୍ଯ୍ୟାୟରେ ରେଳ ଇଞ୍ଜିନ୍ ଟ୍ରାଏଲ ରନ୍ ହୋଇଥିଲା ।

*Nayagarh/Puri*

## ଝୁଲଣ ଯାତ୍ରା

ପୁରୀ ଶ୍ରୀମନ୍ଦିରରେ ଆଜିଠାରୁ ଝୁଲଣ ଯାତ୍ରା ଆରମ୍ଭ ହୋଇଛି । ଶ୍ରାବଣ ଶୁକ୍ଳ ଦଶମୀ ତିଥିଠାରୁ ଏହି ଯାତ୍ରା ଆରମ୍ଭ ହୋଇ ଭାଦ୍ରବ ମାସ କୃଷ୍ଣ ପକ୍ଷ ପ୍ରତିପଦା ଯାଏଁ ୭ ଦିନ ଧରି ଚାଲିବ । ଶ୍ରୀକ୍ଷେତ୍ରର ବିଭିନ୍ନ ମଠ ବାଡ଼ି ଆଦିରେ ଏହି ଯାତ୍ରା ପାଳିତ ହୋଇଥାଏ । ମଧ୍ୟାହ୍ନ ଧୂପ ପରେ ଆଜି ଶ୍ରୀଦେବୀ, ଭୂଦେବୀ ଏବଂ ମଦନମୋହନ ମୁକ୍ତିମଣ୍ଡପରେ ପ୍ରସ୍ତୁତ ଝୁଲଣ ମଣ୍ଡପକୁ ବିଜେ କରିବେ ।

ନୟାଗଡ଼ ଜିଲ୍ଲା କଣ୍ଟିଲୋ ନୀଳମାଧବ ମନ୍ଦିରରେ ମଧ୍ୟ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଛି । ଏହି ଉପଲକ୍ଷେ ଠାକୁରଙ୍କୁ ସ୍ୱତନ୍ତ୍ର ବେଶ ସଜା ଯାଇଥିଲା ।

*Kendrapara*

## ରାକ୍ଷୀ ପୂର୍ଣ୍ଣିମା

କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କ ସମ୍ମୁଖରେ ଓରମାସ୍ ପକ୍ଷରୁ ରାକ୍ଷୀ ଷ୍ଟଲକୁ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଆଜି ଉଦ୍‌ଘାଟନ କରିଛନ୍ତି । ୬ଟି ଉତ୍ପାଦକ ଗୋଷ୍ଠୀର ୨୦୦ କାରିଗରଙ୍କ ଦ୍ୱାରା ଟେରାକୋଟା ଓ କାଇଁଚି ଭଳି ପରିବେଶ ଅନୁକୂଳ ସାମଗ୍ରୀରୁ ପ୍ରସ୍ତୁତ ରାକ୍ଷୀଗୁଡ଼ିକୁ ରାକ୍ଷୀ ପୂର୍ଣ୍ଣିମା

ପର୍ଯ୍ୟନ୍ତ ବିକ୍ରି କରାଯିବ । କାରିଗରମାନଙ୍କୁ ଉତ୍ସାହିତ କରିବା ସକାଶେ ଏହି ରାକ୍ଷୀଗୁଡ଼ିକୁ କିଣିବା ଲାଗି ଏଭଳି ଅଭିନବ ପଦକ୍ଷେପ ନିଆଯାଇଛି ।

***MET***

## ପାଣିପାଗ

ରାଜ୍ୟରେ ମୌସୁମୀର ପ୍ରଭାବରେ ବର୍ଷା ଲାଗି ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତାକାଲି ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି ୧୯ଟି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ସବୁ ଜିଲ୍ଲାଗୁଡ଼ିକ ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

ଅନ୍ୟପକ୍ଷରେ ରାଜ୍ୟରେ ନିଅଣ୍ଟିଆ ବର୍ଷା ପରିସ୍ଥିତି ଜାରି ରହିଛି । ଗତ ଜୁନ୍ ପହିଲାରୁ ଆଜି ପର୍ଯ୍ୟନ୍ତ ସ୍ୱାଭାବିକ ବର୍ଷା ତୁଳନାରେ ୧୧ ପ୍ରତିଶତ କମ୍ ବର୍ଷା ରେକର୍ଡ ହୋଇଛି । ଏହି ସମୟ ମଧ୍ୟରେ ୧୧ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି ।

*****